# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 March - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଲୋକସଭା ସହିତ କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ତାରିଖ ଘୋଷଣା କରିବେ ଭାରତୀୟ ନିର୍ବାଚନ କମିଶନ
- ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଖାତାଦେଖା ଆଜିଠାରୁ ହେଲା ଆରମ୍ଭ

— କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ୧୫ ହଜାରରୁ ଅଧିକ ଶିକ୍ଷକ-ଶିକ୍ଷୟିତ୍ରୀ

- ଖାଉଟିମାନଙ୍କର ସ୍ୱାର୍ଥ, ସମ୍ମାନ ଓ ସୁରକ୍ଷା ବାବଦରେ ସଚେତନ କରାଇବା ନେଇ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ଖାଉଟି ଦିବସ

ଏବଂ

- କାଳବୈଶାଖୀର ପ୍ରଭାବରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ପାଇବା ନେଇ ପାଣିପାଗ ବିଭାଗର ସୂଚନା

## ନିର୍ବାଚନ ତାରିଖ ଘୋଷଣା

ଚଳିତବର୍ଷ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ଆସନ୍ତାକାଲି ଅପରାହ୍ଣ ୩ଟାରେ ଭାରତର ନିର୍ବାଚନ କମିଶନ ତାରିଖ ଘୋଷଣା କରିବେ। ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ମଧ୍ୟ ଲାଗୁ ହେବ। ଏଥିରେ ଲୋକସଭା ସହିତ  କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବ ବୋଲି କମିଶନଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକ୍କିମ୍‌ରେ ସାଧାରଣ ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ସମ୍ଭାବନା ଅଛି।

## ମାଟ୍ରିକ ଖାତା ଦେଖା ଆରମ୍ଭ

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ଖାତା ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହୋଇଛି। ଖାତା ଦେଖା କାର୍ଯ୍ୟରେ ୧୫ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଖାତାଦେଖା  ପାଇଁ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୫୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଏଥିସହିତ ୩ ହଜାର ୩୭ ପରୀକ୍ଷାର୍ଥୀ ମଧ୍ୟମା ଓ ୭ ହଜାର ୮୩୧ ପରୀକ୍ଷାର୍ଥୀ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଛନ୍ତି।

## ଏମ୍ସକୁ ପୁରସ୍କାର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଭୁବନେଶ୍ୱର ଅଖିଳଭାରତୀୟ ଆର୍ୟୁବିଜ୍ଞାନ ପ୍ରତିଷ୍ଠାନ-ଏମ୍ସ୍‌କୁ ପୁରସ୍କୃତ କରାଯାଇଛି। ଏସିଆରେ ଅସ୍ତ୍ରୋପଚାରରେ ସୁରକ୍ଷିତ ପ୍ରତିରୋପଣ କ୍ଷେତ୍ରରେ **ସେଫ୍ ସର୍ଜିକାଲ୍ ଇନ୍‌ପ୍ଲାଣ୍ଟ କ୍ୱାଣ୍ଟେଟ୍ରିୟମ୍ କ୍ୟୁଆଇପି ପୁରସ୍କାର** ମିଳିଛି। ଡାକ୍ତରଖାନାରେ ବ୍ୟବହୃତ ବିଭିନ୍ନ ଯାନ୍ତ୍ରିକ ଉପକରଣର ଗୁଣବତ୍ତା ଓ ପ୍ରତିରୋପଣ ପ୍ରକ୍ରିୟାକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ଚୟନ ପ୍ରକ୍ରିୟାରେ ସମଗ୍ର ଏସିଆରୁ ୨୮ଟି ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱର ସର୍ବୋତ୍ତମ ଡାକ୍ତରଖାନା ଭାବେ ପ୍ରଥମ ଥର ପାଇଁ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି।

## ସଡକ ଦୁର୍ଘଟଣା-ପ୍ରସନ୍ନ ଆଚାର୍ଯ୍ୟ

ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଅଣାଯାଉଛି। ମିଳିଥିବା ସୂଚନା ଅନୁସାରେ ଶ୍ରୀ ଆଚାର୍ଯ୍ୟଙ୍କୁ

ସମ୍ବଲପୁରରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଅଣାଯିବାର ବ୍ୟବସ୍ଥା ହୋଇଛି ।

ସୂଚନାଯୋଗ୍ୟ, ନବୀନ ନିବାସରେ ବିଜେଡିର ଗତକାଲି ବୈଠକରେ ଯୋଗଦେଇ ଶ୍ରୀ ଆଚାର୍ଯ୍ୟ ଭୁବନେଶ୍ୱରରୁ ବରଗଡ଼ ଫେରୁଥିବା ସମୟରେ ରେଢ଼ାଖୋଲ ନିକଟ ଲୁହାପଙ୍କ ନିକଟରେ ଏକ ଗ୍ୟାସ ଟ୍ୟାଙ୍କର ସହିତ ଧକ୍କା ହୋଇଥିଲା । ପ୍ରଥମେ ତାଙ୍କୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ତାଙ୍କର ଶରୀରରେ ଅସ୍ତ୍ରୋପଚାର କରାଯାଇଛି । ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରମାନେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁର୍ଘଟଣାରେ ଆହତ ହୋଇଥିବା ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ନୂଆ ନିର୍ବାଚନ ଆୟୁକ୍ତ

କେନ୍ଦ୍ର ସରକାର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁଙ୍କୁ ଦେଶର ନୂତନ ନିର୍ବାଚନ ଆୟୁକ୍ତଭାବେ ନିଯୁକ୍ତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ କମିଟି ଏହି ଦୁଇଜଣଙ୍କ ନାମକୁ ଅନୁମୋଦନ କରିଛନ୍ତି । ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଥିଲେ ।

# ବିଶ୍ୱ ଖାଉଟିଦିବସ

ଖାଉଟିମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇଦେବା ଓ ଖାଉଟିମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ବିଶ୍ୱ ଖାଉଟି ଦିବସ ପାଳନ କରାଯାଉଛି। ଖାଉଟିମାନଙ୍କର କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ୧୯୬୨ ମସିହା ଆଜିର ଦିନରେ ଆମେରିକାର ରାଷ୍ଟ୍ରପତି ଖାଉଟିଙ୍କର ଅଧିକାର ଓ ସୁରକ୍ଷାକୁ ନେଇ ପ୍ରଥମ ଥର ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ।

ପରବର୍ତ୍ତୀ ସମୟରେ ୧୯୮୩ ମସିହାରୁ ଆଜିର ଦିନକୁ ବିଶ୍ୱ ଖାଉଟି ଦିବସ ଭାବେ ପାଳନ କରାଯିବା ସହିତ ଏଥିସହିତ ଜଡିତ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନକାରୀମାନେ ଏହି ଅଭିଯାନକୁ ଅଧିକ ଗତିଶୀଳ ଏବଂ ଲୋକାଭିମୁଖୀ କରିପାରିଛନ୍ତି। ଉପଭୋକ୍ତା ଅଧିକାରକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ୍ - ୨୦୧୯ର ପରିବର୍ତ୍ତନ କରାଯାଇଛି।

ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ, ପ୍ରତିକାର ଆୟୋଗ ଏବଂ ରାଜ୍ୟ ସ୍ତରରେ ରାଜ୍ୟସ୍ତରୀ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ

କରାଯାଇଛି ।   ଆୟୋଗ ଜରିଆରେ ତ୍ୱରିତ ଏବଂ କମ୍ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ଚଳିତବର୍ଷର ବିଶ୍ୱ ଖାଉଟି ଅଧିକାର ଦିବସର ବାର୍ତ୍ତା ହେଉଛି - ଉପଭୋକ୍ତମାନଙ୍କ ପାଇଁ ସ୍ୱଚ୍ଛ ଏବଂ ଦାୟିତ୍ୱ ସମ୍ପନ୍ନ କୃତ୍ରିମ ବୃଦ୍ଧିମତାର ଉପଯୋଗ ।

## ନିର୍ବାଚନ ତାଲିମ୍ କାର୍ଯ୍ୟକ୍ରମ

ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ କରିବା ପାଇଁ ନିର୍ବାଚନ କମିଶନ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ୍ ଦିଆଯାଉଛି ।

ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରିଜାଇଡିଂ ଅଧିକାରୀ ଏବଂ ପ୍ରଥମ ପୋଲିଂ ଅଧିକାରୀଙ୍କୁ ନେଇ ନିର୍ବାଚନ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ୧୪ଟି ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପି.ଅନ୍ୱେଷା ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ୍ କାର୍ଯ୍ୟକ୍ରମରେ ବିଡିଓ, ତହସିଲ୍‌ଦାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତାଲିମ୍ ପ୍ରଦାନ କରୁଛନ୍ତି। ଆଜିଠାରୁ ଏହି ତାଲିମ୍ କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ।

ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍‌ରେ ନିର୍ବାଚନ କାର୍ଯ୍ୟ ପରିଚାଳନା ସମ୍ପର୍କିତ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ

ବନ୍ଦୋରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ତାଲିମ୍ ଶିବିରରେ ନିର୍ବାଚନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ଇଭିଏମ୍, ଓ୍ୱେବ୍ କାଷ୍ଟିଂ, ଭିଭିପାଟ୍ ଉପରେ ବିଶେଷ ଭାବରେ ତାଲିମ୍ ଦିଆଯାଉଛି।

# ପେଟ୍ରୋଲ ଡିଜେଲ ଦର ହ୍ରାସ

କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟର ଦର ହ୍ରାସ କରିଛନ୍ତି । ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୨ଟଙ୍କା ହ୍ରାସ କରାଯାଇଥିବା ନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂପୁରୀ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ନୂତନ ଦର ଆଜି ସକାଳ ୬ଟାରୁ ଲାଗୁ କରାଯାଇଥିବା ସୂଚନା ମିଳିଛି। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ଉପରେ ୨ଟଙ୍କା ୫୬ ପଇସା ଏବଂ ଡିଜେଲ ଉପରେ ୨ଟଙ୍କା ୪୮ପଇସା ହ୍ରାସ ପାଇବ ବୋଲି ଜଣାପଡିଛି । ତେବେ ରାଜ୍ୟ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ନେଉଥିବା ଟିକସରୁ ଯଦି କିଛି ଟଙ୍କା ହ୍ରାସ କରନ୍ତି ଉପଭୋକ୍ତା ଆହୁରି ଉପକୃତ ହୋଇପାରିବେ ବୋଲି ଆକଳନ କରାଯାଇଛି ।

# ଡାଇଲେସିସ୍ ସେବା ଯୋଗାଣ

ନୂଆପଡା ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ପକ୍ଷରୁ ନିଶୁଳ୍କ ଡାଇଲେସିସ୍ ସେବା ଯୋଗାଇ ଦିଆଯାଉଛି। କିଡ୍‌ନୀ ରୋଗୀମାନେ

ଏହାଦ୍ୱାରା ବିଶେଷ ଉପକୃତ ହେବା ସହ ଏହି ସେବା ପାଇଁ ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଟି ଡାଇଲେସିସ୍ ମେସିନ୍ ଉପଲବ୍ଧ କରାଯାଇଥିବାବେଳେ ୩ଟି ନେଗେଟିଭ୍ ଏବଂ ଗୋଟିଏ ସେରୋ ପଜିଟିଭ୍ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଦୈନିକ ୧୦ ରୁ ୧୨ ଜଣ ରୋଗୀଙ୍କୁ ଏହି ସେବା ଯୋଗାଇ ଦିଆଯାଉଥିବା ପ୍ରଶାସନିକ ମୁଖ୍ୟ ସୂଚନା ଦେଇଛନ୍ତି।

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ତଫସିଲ୍‌ଭୁକ୍ତ ଜାତି ଏବଂ ଉପଜାତି ବ୍ୟକ୍ତିବିଶେଷମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ସଚିବ ନେହା ଅଗ୍ରୱାଲ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ମହିଳା, ପୁରୁଷ, ଶିଶୁମାନଙ୍କୁ କିପରି ମାଗଣା ଆଇନ୍‌ସେବା ସହାୟତା ମିଳିପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହିତ ୧୯୮୯ରେ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ବିଶେଷଭାବରେ ଆଲୋଚନା ଏବଂ ଅବଗତ କରାଯାଇଥିଲା।

## ‘ଆମର ଶିଶୁ ଆମର ଦାୟିତ୍ୱ’ କର୍ମଶାଳା

ନବରଙ୍ଗପୁର ଜିଲ୍ଲା ସ୍ଥାନୀୟ ମିଶନଶକ୍ତି ସଭାଗୃହରେ ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ 'ଆମର ଶିଶୁ ଆମର ଦାୟିତ୍ୱ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ପାଠପଢା ପ୍ରତି ଉତ୍ସାହିତ କରିବା ସହ ନିୟମିତ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ପ୍ରତି ମାସରେ ବୈଠକ କରାଯାଇ ଅଭିଭାବକ, ଶିକ୍ଷକ, ଅଙ୍ଗନବାଡି କର୍ମୀ, ଲୋକପ୍ରତିନିଧି, ଏସ୍ଏଚ୍ଜିଙ୍କୁ ପରାମର୍ଶ ଦିଆଯାଇଥିଲା।

ଜିଲ୍ଲାର ୧ ହଜାରଟି ବିଦ୍ୟାଳୟ ମଧ୍ୟରୁ ୭୩୫ଟି ବିଦ୍ୟାଳୟରେ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇଛି।

## କୃଷି ସମ୍ମିଳନୀ

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନଠାରେ ଆଜି ରାଜ୍ୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ **ସଙ୍ଗମ-୨୦୨୪** କୃଷି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିଶିଷ୍ଟ କୃଷିବିଦ୍, ବୈଜ୍ଞାନିକ ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟ ର ବରିଷ୍ଠ ପ୍ରଫେସର୍ମାନେ ଯୋଗ ଦେଇ ଆଧୁନିକ ଜ୍ଞାନ କୌଶଳରେ କୃଷିଜାତ ଉତ୍ପାଦନ କିପରି ବୃଦ୍ଧି ପାଇବ ସେ ଉପରେ ଆଲୋଚନା କରିଥିଲେ।

ବିଶେଷ କରି କୃଷି, ମାଛ ଚାଷ, ଉଦ୍ୟାନ, କୁକୁଡ଼ା ଚାଷ, ତେଲ, ମଞ୍ଜି, ଡାଲି, ଗୋପାଳନ, ଏବଂ ଜାତୀୟ ଫସଲ କିପରି ଉତ୍ପାଦନ ବୃଦ୍ଧି ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିଥିବୃନ୍ଦ ବାୟୋ ପୋଷାକ ନାମକ ଏକ ନୂତନ ପ୍ରକଳ୍ପକୁ ଉନ୍ମୋଚନ କରାଯାଇଥିଲା।

## ପାଣିପାଗ

ରାଜ୍ୟରେ ବର୍ତ୍ତମାନ ତାତି ଓ କାଳବୈଶାଖୀର ମିଶ୍ରିତ ପ୍ରଭାବ ଜାରି ରହିଛି। ପୂର୍ବାହ୍ନରେ ଟାଣଖରା ସାଙ୍ଗକୁ ଗରମ ଗୁଳୁଗୁଳି ଅନୁଭୂତ ହେଉଛି। ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ସାମାନ୍ୟ ବର୍ଷା ହେଉଛି। ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ପାଗ ଏହିଭଳି ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷାର ପ୍ରଭାବରେ ପାଗ ଥଣ୍ଡା ରହିବା ସହିତ  ୩ ଡ଼ିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

*********************************